# ଭାଷା ଆନ୍ଦୋଳନ, ଓଡ଼ିଶା: ଏହାର ସୃଷ୍ଟି, ସ୍ୱରୂପ ଓ ସୀମା

ସୁଭାଷ ଚନ୍ଦ୍ର ପଟ୍ଟନାୟକ
ଅଧ୍ୟକ୍ଷ, ଭାଷା ଆନ୍ଦୋଳନ

ଭାଷା ଆନ୍ଦୋଳନ, ଓଡ଼ିଶା ଭାଷା ସୁରକ୍ଷା ସମିତି ବା ଭାଷା ସଂଗ୍ରାମ ସମିତିର ଆନ୍ଦୋଳନ ନୁହେଁ । ଏହା ଏହି ଉଭୟ ସଂଗଠନର ଆନ୍ଦୋଳନଠାରୁ ସଂପୂର୍ଣ୍ଣ ପୃଥକ ଏକ ଅଭିନବ ଆନ୍ଦୋଳନ ଯାହା ୧୯୫୪ରେ ବିଧିକୃତ ଓ ତତ୍କାଳ ପ୍ରଚୋଦିତ ଓଡ଼ିଶା ସରକାରୀ ଭାଷା ଅଧିନିୟମର ସଂଶୋଧନ ସମେତ ତହିଁର ଉଲଂଘନ ପାଇଁ ଦଣ୍ଡବିଧାନ କରାଯିବା ଦାବି ଉପରେ ଆଧାରିତ ।

ଏହି ଆନ୍ଦୋଳନ ଏପରି ଯେ ପ୍ରଥମ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏହାର ଦାବି ମାନି ଅଧିନିୟମର ସଂଶୋଧନ କରିଛନ୍ତି ଅଧ୍ୟାଦେଶ ବଳରେ । ଅବଶିଷ୍ଟ ଦାବି, ଯଥା ଭାଷା ନିୟମାବଳୀ ପ୍ରଣୟନ କରି ଅଧିନିୟମର ଉଲଂଘନକାରୀକୁ ଦଣ୍ଡବିଧାନ ଆଦି ପ୍ରସ୍ତାବ ଯାହା http://odia.odisha.gov.in/niyama-bali.html ରେ ସ୍ଥାନିତ, ତାହା ଅଗଷ୍ଟ ୧୫ ସୁଦ୍ଧା ଆଇନତଃ ବଳବତ୍ତର କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହି ଅଗ୍ରଗତିକୁ ଆଖିରେ ରଖି , ଭାଷା ଆନ୍ଦୋଳନ ତାର ପ୍ରସିଦ୍ଧ କଳାପତାକା ପଦଯାତ୍ରା ସେ ପର୍ଯ୍ୟନ୍ତ ସ୍ଥଗିତ ରଖିଛି ।

ମାତ୍ର ଭାଷା ସଂଗ୍ରାମ ସମିତିର ପ୍ରତିନିଧି ଭାବେ ସୁଭାଷ ଚନ୍ଦ୍ର ପଟ୍ଟନାୟକ ଯେତେବେଳେ ଅଧିନିୟମ ସଂଶୋଧନ ଓ ଆବଶ୍ୟକୀୟ ନିୟମାବଳୀର ଚିଠା ପ୍ରଦାନ କରିଛନ୍ତି ଓ ତାହା *ଓଡ଼ିଆରେ ଶାସନ* ଶୀର୍ଷକ ନଭମଞ୍ଚର ଉପରୋକ୍ତ ସ୍ଥାନରେ ସରକାର ସ୍ଥାନିତ କରିଛନ୍ତି , ସେତେବେଳେ ତାଙ୍କରି ଅଧ୍ୟକ୍ଷତାରେ ଏ ଭାଷା ଆନ୍ଦୋଳନ କାହିଁକି ?

ଏହାର ଉତ୍ତର ଓଡ଼ିଶାର ଜନସାଧାରଣ ଜାଣିବା ଉଚିତ ଓ ଏଥିପାଇଁ ଓଡ଼ିଆ ଭାଷା ସଂଗ୍ରାମ ସମିତିରୁ ଭାଷା ଆନ୍ଦୋଳନ ପର୍ଯ୍ୟନ୍ତ ଯତ୍‌କିଞ୍ଚିତ ଦୃଷ୍ଟିପାତ କରିବାକୁ ହେବ ।

ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ନିବାସୀ କବି ଗଜାନନ ମିଶ୍ର ଓଡ଼ିଆଭାଷାରେ ଅଦାଲତ କାର୍ଯ୍ୟ ଚାଲିବା ଦାବିରେ ୨୦୧୫ ଜୁଲାଇ ପହିଲାରେ ଭୁବନେଶ୍ୱରର ମହାତ୍ମା ଗାନ୍ଧୀ ମାର୍ଗରେ ଆମରଣ ଅନଶନରେ ବସିଲେ । ତାଙ୍କୁ ସହଯୋଗ କରିବା ସହ ତାଙ୍କ ଦାବିର ସଂପ୍ରସାରଣ ଘଟାଇ ସମଗ୍ର ଶାସନରେ ଓଡ଼ିଆଭାଷା ରାଜଭାଷା ଭାବେ ଅଲଂଘନୀୟ ହେଉବୋଲି ଦାବି କରିବାକୁ ଓଡ଼ିଆ ଭାଷା ସଂଗ୍ରାମ ସମିତି ଗଠିତ ହେଲା କବି ଶଙ୍କର୍ଷଣ ପରିଡ଼ାଙ୍କ ନେତୃତ୍ୱରେ ଓ ଏହି ସମିତିର ଡାକରାରେ ସାରା ରାଜ୍ୟରେ ଉଦ୍‌ବେଳିତ ହୋଇଉଠିଲା ମାତୃଭାଷାର ସାର୍ବଭୌମତାପାଇଁ ଜାଗୃତି । ଶ୍ରୀ ପଟ୍ଟନାୟକଙ୍କ ସାଙ୍ଗକୁ ଭାଷା ସୁରକ୍ଷା ସମିତିର ପ୍ରତିଷ୍ଠାତା ବୈଷ୍ଣବ ଚରଣ ପରିଡ଼ା, ସୁବାର୍ତ୍ତା ସଂପାଦକ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ, ସମାଜ ସଂସ୍କାରକ ଅଧ୍ୟାପକ ଯନ୍ତ୍ରଣା ପରିକ୍ଷୀତ, ସ୍ତମ୍ଭକାର ତୁଷାରକାନ୍ତ ଶତପଥୀ, ଭାଷାତତ୍ତ୍ୱବିତ୍ ଡଃ ଦେବୀପ୍ରସନ୍ନ ପଟ୍ଟନାୟକ, ଅଧ୍ୟାପକ ନଟବର ଶତପଥୀ, ଅଧ୍ୟାପକ ନେତାଜୀ ଅଭିନନ୍ଦନ, ଅଧ୍ୟାପକ କୈଳାସ ଆଚାର୍ଯ୍ୟ, ଡଃ ସୁବ୍ରତ କୁମାର ପୃଷ୍ଟି , ରାଜନେତା ନିରଞ୍ଜନ ପଟ୍ଟନାୟକ , ପଞ୍ଚାନନ କାନୁନଗୋ, ଦେବ ପ୍ରସାଦ ପରିଜା ଇତ୍ୟାଦିଙ୍କ ନିବିଡ଼ ସଂପୃକ୍ତି ଏହାକୁ ଯୋଗାଇଲା ଆବଶ୍ୟକୀୟ ଇନ୍ଧନ ।

ଭାଷାପ୍ରାଣ ସୌମ୍ୟ ରଞ୍ଜନ ପଟ୍ଟନାୟକ ସମ୍ବାଦରେ *ଅଭିନନ୍ଦନ ଗଜାନନ* ଶୀର୍ଷକ ଏକ ଅଗ୍ରଲେଖ ରଖି ଏହି ନବ ଜାଗରଣକୁ ତେଜିୟାନ କଲେ । କବି ଅରୂପଙ୍କ ତେଜସ୍କ୍ରୀୟ ପଦ୍ୟଦୁହା (Poetic Slogan), କବି ସରୋଜ ବଳଙ୍କ *ମୋ ଭାଷା* ଶୀର୍ଷକ ପ୍ରାଣଛୁଆଁ କବିତା ସାଙ୍ଗକୁ ରାକେଶ କୁମାର ସାହୁ, ନାରାୟଣ ମୁଦୁଲି, ତପନ ଦାସ, ସତ୍ୟାନାଶ, ପ୍ରଶାନ୍ତ ଭୁୟାଁ, ପବିତ୍ର ମହାରଥା, ଶଙ୍କର୍ଷଣ ପରିଡ଼ାଙ୍କ ପରି ଭାଷାପ୍ରାଣ କବିମାନଙ୍କ ଶବ୍ଦୌଷଧି ସୁପ୍ତ ଓଡ଼ିଆ ଜାତିକୁ ସତେ ଯେମିତି ମରଣଶଯ୍ୟାରୁ ଉଠାଇଦେଲା । ଅନଶନସ୍ଥଳ ହୋଇ ଉଠିଲା ଭାଷାପାଇଁ ତପସ୍ୟାର ପାବନପୀଠ ।

ଆନ୍ଦୋଳନ ଏତେ ପ୍ରଖର ହେଲା ଯେ, ଜୁଲାଇ ୮ ତାରିଖରେ ସରକାର ଭାଷା ସଂଗ୍ରାମ ସମିତି ସହ ଭାଷା ଅଧିନିୟମର କାର୍ଯ୍ୟକାରୀତାପାଇଁ ଚୁକ୍ତି କଲେ ଓ ଆଇନ ମନ୍ତ୍ରୀ ଆସି ଜନପୂର୍ଣ୍ଣ ଅନଶନ ମଞ୍ଚରେ ଏହା ଘୋଷଣା କରି ଗଜାନନ ବାବୁଙ୍କୁ ଅନଶନରୁ ଓହରାଇଲେ ।

ଏହି ଚୁକ୍ତି ଅନୁସାରେ ଭାଷା ସଂଗ୍ରାମ ସମିତିର ସାତ ଜଣ ପ୍ରତିନିଧି ଓ ପାଞ୍ଚ ଜଣ ମନ୍ତ୍ରୀଙ୍କୁ ନେଇ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠିତ ହେଲା ।

ଏହି କମିଟି ଦୁଇଟି ଉଲ୍ଲେଖନୀୟ ନିଷ୍ପତ୍ତି ନେଲା । ସେଗୁଡ଼ିକ ହେଲା: (୧) ଓଡିଆ ଭାଷାରେ ଓଡ଼ିଶାର ଶାସନ ସାର୍ବଜନୀନ କରିବା ପାଇଁ ଏକ ସ୍ୱତନ୍ତ୍ର ୱେବସାଇଟ ନିର୍ମାଣ ଓ (୨) ଓଡ଼ିଆରେ ଓଡ଼ିଶାର ଶାସନ କିପରି ସମ୍ଭବ ହେବ ତା ପାଇଁ ସଂଗ୍ରାମ ସମିତିର ପ୍ରତିନିଧିମାନଙ୍କଠାରୁ ପ୍ରସ୍ତାବ ଆହ୍ୱାନ ।

ପରବର୍ତ୍ତୀ ବୈଠକରେ ଦୁଇଜଣ କମିଟି ସଦସ୍ୟ – ଭାଷାତତ୍ତ୍ୱବିତ୍ ଡଃ ଦେବୀ ପ୍ରସନ୍ନ ପଟ୍ଟନାୟକ ଓ ସାମ୍ବାଦିକ ସୁଭାଷ ଚନ୍ଦ୍ର ପଟ୍ଟନାୟକ ଯଥାକ୍ରମେ ଏକ ଚିଠା ଭାଷାନୀତି ଏବଂ ଏକ ଚିଠା ଆଇନ ଓ ୧୧ ଦଫା ସମ୍ବଳିତ ନିୟମାବଳୀ ଉପସ୍ଥାପନ କଲେ । ଭାଷା ଅଧିନିୟମର ଉଲଂଘନ ବିରୁଦ୍ଧରେ କୌଣସି ଦଣ୍ଡବିଧାନର ବ୍ୟବସ୍ଥା ନ ଥିବାରୁ ଓଡ଼ିଶାର ଶାସନ ଓଡ଼ିଆରେ ଚାଲିପାରୁନାହିଁ । ଏହି ଦଣ୍ଡବିଧାନ ପାଇଁ ଯେଉଁ ନିୟମ ରହିବା କଥା ତାହା ପ୍ରଣୀତ ହୋଇନାହିଁ ଓ ନିୟମାବଳୀ ପ୍ରଣୟନ ପାଇଁ ଅଧିନିୟମରେ ସରକାରଙ୍କୁ ଯେଉଁ ଅଧିକାର ଦିଆଯିବା ଆବଶ୍ୟକ ତାହା ଦିଆଯାଇନାହିଁ । ସୁତରାଂ ୧୯୫୪ ଅଧିନିୟମର ଆବଶ୍ୟକୀୟ ବ୍ୟବସ୍ଥାପନ ଥିଲା ଉପରୋକ୍ତ ଚିଠାର ଅନ୍ତର୍ଭୁକ୍ତ ।

ପୂର୍ବ ବୈଠକର ନିଷ୍ପତ୍ତି ଅନୁଯାୟୀ ଯେଉଁ ୱେବସାଇଟ ଗଠିତ ହୋଇଥିଲା ତହିଁରେ ଏଗୁଡ଼ିକୁ ସ୍ଥାନିତ କରାଯାଇଛି । ଏହି ଆଧାରରେ ଗତ ୧୪।୧୨।୨୦୧୫ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଧାନସଭାରେ କହିଥିଲେ କି , ଭାଷା ଅଧିନିୟମର ଆବଶ୍ୟକୀୟ ସଂଶୋଧନ ପାଇଁ ସରକାର ତତ୍ପରତାର ସହ ପଦକ୍ଷେପ ନେଉଛନ୍ତି ।

କିନ୍ତୁ ଦେଖାଗଲା, ଏହାର ତିନି ଦିନ ପରେ ମୁଖ୍ୟମନ୍ତ୍ରୀ ନିଜ ଆଭିମୁଖ୍ୟ ବଦଳାଇଦେଲେ । ଭାଷା ସଂଗ୍ରାମ ସମିତିକୁ ସଂପୂର୍ଣ୍ଣ ଅନ୍ଧକାରରେ ରଖି ୧୭ ।୧୨ ।୧୫ ଦିନ ସେ କେବଳ ପାଞ୍ଚ ଜଣ ମନ୍ତ୍ରୀଙ୍କୁ ଡାକି ଏକ ବୈଠକ କଲେ ଓ ଏପରି ୧୪ଟି କାର୍ଯ୍ୟକ୍ରମ ଘୋଷଣା କଲେ , ଯହିଁରେ ଭାଷା ଅଧିନିୟମ ସଂଶୋଧନର ନାମଗନ୍ଧ ନ ଥିଲା । orissamatters.com ଯୋଗେ ଶ୍ରୀ ପଟ୍ଟନାୟକ ତହିଁର ଘୋର ପ୍ରତିବାଦ କଲେ । ମାତ୍ର ଦେଖାଗଲା ୨୦ । ୧୨ । ୧୫ରେ ସମସ୍ତ ବୃହତ ଖବରକାଗଜମାନଙ୍କରେ ପୂର୍ଣ୍ଣପୃଷ୍ଠା ବିଜ୍ଞାପନ ଦେଇ ସରକାର ଏହି ପ୍ରତିବାଦର କଣ୍ଠରୋଧ କରିବାକୁ ବି ଚେଷ୍ଟା କଲେ ।

ଥରେ ପାଞ୍ଚ ଜଣ ମନ୍ତ୍ରୀ ଓ ସାତ ଜଣ ଭାଷା ସଂଗ୍ରାମୀଙ୍କୁ ନେଇ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରି ପରେ ସେହି ଭାଷା ସଂଗ୍ରାମୀମାନଙ୍କ ଅଜଣାରେ କେବଳ ପାଞ୍ଚଜଣ ମନ୍ତ୍ରୀଙ୍କୁ ନେଇ ଗୃହୀତ ହୋଇଥିବା ନିଷ୍ପତ୍ତିର ଯଥାର୍ଥତାକୁ ଶ୍ରୀ ପଟ୍ଟନାୟକ ପ୍ରଶ୍ନ କଲେ ।

ସରକାର ବାଧ୍ୟ ହୋଇ ୧୨ ।୧ ।୨୦୧୬ରେ ମନ୍ତ୍ରୀସ୍ତରୀୟ କମିଟିର ସାନି ବୈଠକ ଡାକିଲେ । କିନ୍ତୁ ପ୍ରଦତ୍ତ କାର୍ଯ୍ୟସୂଚୀରେ ଆଇନ ସଂଶୋଧନର ନାମଗନ୍ଧ ନ ଥିଲା । କାର୍ଯ୍ୟସୂଚୀ ସୀମିତ ଥିଲା ମୁଖ୍ୟମନ୍ତ୍ରୀଙ୍କ ସେହି ୧୪ଟି ଘୋଷଣା ଉପରେ । ସୁଭାଷ ଚନ୍ଦ୍ର ପଟ୍ଟନାୟକ ଓ ଗଜାନନ ମିଶ୍ରଙ୍କ ଭିନ୍ନ କମିଟିର କୌଣସି ସଦସ୍ୟ ତହିଁର ବିରୋଧ କଲେନାହିଁ ।

ସ୍ପଷ୍ଟ ହୋଇଉଠିଲା ଯେ, ଗଜାନନବାବୁଙ୍କ ଅନଶନ ଧର୍ମଘଟରୁ ଉଦ୍ଭୂତ ଭାଷାନୁରାଗୀ ପରିବେଶରୁ ଫାଇଦା ଉଠାଇ କେତେକ ଭାଷାମାଫିଆ ଆମ ଭାଷାରୁ ନିଜ ନିଜ ଅର୍ଥ ଉପାର୍ଜନର ପଥ ସୁଗମ କରିବାକୁ ବ୍ୟଗ୍ର ଥିବାବେଳେ ଭାଷା ଆଇନ ସଂଶୋଧନ କରି ଓଡ଼ିଆରେ ଓଡ଼ିଶାର ଶାସନ ସୁନିଶ୍ଚିତ କରିବାର ଦାବି ହରାଇବସିଛି ତାର ପ୍ରାଥମିକତା ।

ଏପରି ଅବସ୍ଥାରେ ପୁନରାୟ ଏକ ଆନ୍ଦୋଳନର ଆବଶ୍ୟକତା ଜରୁରୀ ମନେହେଲା । ଓଡ଼ିଶା ପ୍ରଦେଶ ସୃଷ୍ଟିରେ ଗଣମାଧ୍ୟମ ନାମକ ପୁସ୍ତକରେ ମୁଁ ଆମ ରାଜ୍ୟ ଗଠନରେ ସାମ୍ବାଦିକମାନଙ୍କ ମୌଳିକ ଅବଦାନ ଉପରେ ଆଲୋକପାତ କରିଛି । ତେଣୁ, ଏହି ନୂତନ ଆନ୍ଦୋଳନପାଇଁ ଗଣମାଧ୍ୟମର କିଛି କ୍ରାନ୍ତିକାରୀ ବନ୍ଧୁଙ୍କ ପରାମର୍ଶ ସଂପୂର୍ଣ୍ଣ ଶ୍ଲାଘ୍ୟ ମନେହେଲା । ଯାହା କରିବାକୁ ଭାବିଥିଲି ତାହା ସହଜ ନଥିଲା । ୧୪୪ ଧାରାକୁ ଆଖିମିଟିକା ମାରି ବିଧାନସଭା ସମ୍ମୁଖରୁ ରାଜ୍ୟପାଳଙ୍କ ନିବାସ ସମ୍ମୁଖସ୍ଥ ମଧୁବାବୁଙ୍କ ପ୍ରତିମୂର୍ତ୍ତୀ ପର୍ଯ୍ୟନ୍ତ ନିତିଦିନ ଅପରାହ୍ନରେ ନିରବରେ ଚାଲିବା ଥିଲା ଏହି ଆନ୍ଦୋଳନର ଖସଡ଼ା । ଯଥେଷ୍ଟ ନୈତିକ ସାହସ ନଥିଲେ ଏହା କରିବା କାହାପକ୍ଷେ ସମ୍ଭବ ନ ଥିଲା । ମେଡିଆ କନ୍‌ସଲ୍‌ଟାଣ୍ଟ ପବିତ୍ର ମହାରଥା ଜଣେ ପୁରୁଣା ସଂଗ୍ରାମୀ । ଶିଳ୍ପ କବଳରୁ ମହାନଦୀକୁ ରକ୍ଷାକରିବାପାଇଁ ତାଙ୍କ ଆନ୍ଦୋଳନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ସେ ତତ୍‌କ୍ଷଣ ରାଜିହୋଇଗଲେ । ଆମ ସହ ଯୋଗଦେଲେ ସୁବାର୍ତ୍ତା ସଂପାଦକ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ, ସ୍ତମ୍ଭକାର ତୁଷାରକାନ୍ତ ଶତପଥୀ , ନିଉଜ୍ ଇନ୍‌ସାଇଟ୍‌ର ମୁଖ୍ୟ ସାଗର ଶତପଥୀ । ସେମାନଙ୍କ ଅନୁମୋଦନ କ୍ରମେ ଭାଷା ଆନ୍ଦୋଳନ, ଓଡ଼ିଶା ଜନ୍ମନେଲା । ସେଦିନ ଥିଲା ଏ ବର୍ଷର ଏପ୍ରିଲ୍ ୮ ।

ନିଷ୍ପତ୍ତି ହେଲା ଯେ ଓଡ଼ିଆ ନୂଆବର୍ଷ ଦିନ (ଇଂ.୧୩ । ୪ । ୨୦୧୬) ଠାରୁ ନିରବ କଳାପତାକା ପଦଯାତ୍ରା ଆମେ ଆରମ୍ଭ କରିବୁ, ଯଦି ତା ପୂର୍ବରୁ ଭାଷା ଆଇନ ସଂଶୋଧନପାଇଁ ସରକାର ନିଶ୍ଚିତ ପଦକ୍ଷେପ ନେଇନଥାନ୍ତି ।

ମୁଁ ଓ ପବିତ୍ର ମହାରଥା ସଙ୍ଗେ ସଙ୍ଗେ ମୁଖ୍ୟ ଶାସନ ସଚିବଙ୍କ ପାଖକୁ ଯାଇ ଏଥିପାଇଁ ଏକ ଚରମପତ୍ର ଦେଲୁ । ସେଦିନ ସଂଧ୍ୟାରେ ପ୍ରଦ୍ୟୁମ୍ନ ଶତପଥୀଙ୍କ ସୁବାର୍ତ୍ତା କାର୍ଯ୍ୟାଳୟରେ ଏକ ପରିବର୍ଦ୍ଧିତ ସଭା ହେଲା ଯହିଁରେ ଶ୍ରୀମତୀ ମଧୁମିତା ସାମଲ, ଡଃ ନିତ୍ୟାନନ୍ଦ ପଟ୍ଟନାୟକ, କାହ୍ନୁ ବେହୁରା, ଡଃ କୁଳମଣି ସାମଲ ଓ ସୁବ୍ରତ ଛାଟୋଇ ଯୋଗଦେଇ ଏହି ଅଭିନବ ଭାଷା ଆନ୍ଦୋଳନକୁ ପୂର୍ଣ୍ଣ ସହଯୋଗ ଘୋଷଣା କଲେ । ସରକାର ଆମ ଚରମପତ୍ର ପ୍ରତି କର୍ଣ୍ଣପାତ ନ କରିବାରୁ ନିର୍ଦ୍ଧାରିତ ଦିବସରୁ ଚାଲିଲା ନିରବ କଳାପତାକା ଅଭିଯାନ, ଯହିଁରେ ଅଂଶଗ୍ରହଣ କରିଛନ୍ତି ଓଡ଼ିଶା ଜଲଜୀବନକୁ ନାନାଭାବେ ସମୃଦ୍ଧ କରିଆସିଥିବା ବ୍ୟକ୍ତିମାନେ ଓ ଯାହା ବାଧ୍ୟ କରିଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଧ୍ୟାଦେଶ ବଳରେ ମୂଳ ଅଧିନିୟମର ସଂଶୋଧନ ପାଇଁ । ନିୟମାବଳୀର ତୁରନ୍ତ ବ୍ୟବସ୍ଥାପନପାଇଁ ସରକାରଙ୍କୁ ସ୍ମାରକପତ୍ର ଦିଆଯାଇଛି ଓ ଆଶା କରାଯାଉଛି , ଅଗଷ୍ଟ ୧୫ ସୁଦ୍ଧା ଏହା ସମାହିତ ହେବ ।

ଏହି ଆନ୍ଦୋଳନର ପ୍ରଧାନ ସମର୍ଥକ ଭାବେ ଭାଷାପ୍ରାଣ ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ସମ୍ବାଦ ହିଁ ପ୍ରଥମେ ଉଭା ହୋଇଥିଲା ଓ ପଛକୁ ପଛ ଓଡ଼ିଆ ଭାଷାର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସମ୍ବାଦପତ୍ରମାନେ ଅକୁଣ୍ଠଚିତ୍ତରେ ସହଯୋଗ କରି, ଏହାକୁ ଅଦ୍ୟାବଧି ଏକ ସଫଳ ଆନ୍ଦୋଳନରେ ପରିଣତ କରିଛନ୍ତି ।

ସୁତରାଂ, ଭାଷା ଆନ୍ଦୋଳନ, ଓଡ଼ିଶା ଆମ ରାଜ୍ୟରେ ଆମ ଭାଷାଜନନୀର ପ୍ରାଥମିକତା, ଅପରିହାର୍ଯ୍ୟତା ଓ ସାର୍ବଭୌମତାପାଇଁ ଓଡ଼ିଆ ଗଣମାଧ୍ୟମ ନେତୃତ୍ୱରେ ଚାଲିଥିବା ଏକ ଅତୁଳନୀୟ ଆନ୍ଦୋଳନ , ଯାହା ରାଜନେତା ବୈଷ୍ଣବ ପରିଡ଼ାଙ୍କ ଭାଷାସୁରକ୍ଷା ସମିତି ବା ରାଜନେତା ଶଙ୍କର ପରିଡ଼ାଙ୍କ ଆବାହକତ୍ୱରେ ଗଠିତ ଭାଷା ସଂଗ୍ରାମ ସମିତିର ଆନ୍ଦୋଳନଠାରୁ ସଂପୂର୍ଣ୍ଣ ଭିନ୍ନ ।

ଏହି ଆନ୍ଦୋଳନର କଳାପତାକା ଅଭିଯାନ ଅଗଷ୍ଟ ୧୫ ପର୍ଯ୍ୟନ୍ତ ସ୍ଥଗିତ ଥିଲେ ବି ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଏହାର ସ୍ୱର ରୂପନେଇଚାଲିଛି ସରକାରଙ୍କୁ ଦିଆହେଉଥିବା ଭାଷାସଂଗ୍ରାମୀମାନଙ୍କ ସ୍ମାରକପତ୍ରମାନଙ୍କରେ । ଆମେ ଆଶା କରୁଛୁ , ସରକାର ମୁଖ୍ୟମନ୍ତ୍ରୀଙ୍କ ମଇ ୨୧ର ଘୋଷଣା କାର୍ଯ୍ୟକାରୀ କରିବେ । ଭାଷା ଆଇନ ଉଲଂଘନକାରୀକୁ ଦଣ୍ଡବିଧାନ ବ୍ୟବସ୍ଥା ଥାଇ ନିୟମାବଳୀର ବ୍ୟବସ୍ଥାପନ ତୁରନ୍ତ ହେବ ।